## ସଂକ୍ଷେପରେ

### ବନ୍ୟପ୍ରାଣୀ ଶିକାର ଯୋଜନା: ୩ ଗିରଫ



**ଢେଙ୍କାନାଳ ଅଫିସ, ୧୦।୭:** ବନ୍ୟପ୍ରାଣୀ ଶିକାର ପାଇଁ ଫାଶ ବସାଇଥିବା ଅଭିଯୋଗରେ ଢେଙ୍କାନାଳ ସଦର ରେଞ୍ଜ୍ କୁକୁଡ଼ାଝର ନିକଟସ୍ଥ ଏକ ଫାର୍ମ ହାଉସରୁ ୩ଜଣଙ୍କୁ ଶନିବାର ବନ ବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ବଳଦିଆବନ୍ଧ ଗ୍ରାମର ବିଷ୍ଣୁ ଚରଣ ଦେହୁରୀ(୨୮), ପଶ୍ଚିମବଙ୍ଗ ବିରଭୂମୀ ଜିଲା ମାରଗ୍ରାମ ଥାନା ଅଞ୍ଚଳର ମହମ୍ମଦ ନିଜାମୁଦ୍ଦିନ ଶେଖ୍ (୩୯), କାମାକ୍ଷାନଗର ଥାନା ଜଗନ୍ନାଥପୁର ଅଞ୍ଚଳର ଦୀନବନ୍ଧୁ ପରିଡ଼ା (୪୮)। ଘଟଣାସ୍ଥଳରୁ ସାଢ଼େ ୩ କିଲୋଗ୍ରାମ ଜିଆଇ ତାର, ବାର୍‌ହା ଲୋମ, କପର ଓ ସର୍ଭିସ ତାର ଜବତ କରାଯାଇଛି। ଅଭିଯୁକ୍ତମାନେ ବନ୍ୟପ୍ରାଣୀ ଶିକାର କରିବାକୁ ଯୋଜନା କରୁଥିବା ସୂଚନା ପାଇ ସଦର ରେଞ୍ଜର ଧରିତ୍ରୀ ମୁର୍ମୁଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ।

### ୩୪ ଆକ୍ରାନ୍ତ, ୨ ମୃତ

**ଢେଙ୍କାନାଳ ଅଫିସ, ୧୦।୭:** ଢେଙ୍କାନାଳ ଜିଲାରୁ ଶନିବାର ୩୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫୭ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ଜଣେ ୩୦ ବର୍ଷୀୟ ମହିଳା ଏବଂ ସଦର ବ୍ଲକର ଜଣେ ୫୫ ବର୍ଷୀୟ ପୁରୁଷ ବ୍ୟକ୍ତି ରହିଛନ୍ତି। ଏହାକୁ ମିଶାଇ ଜିଲାର ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୯୩ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକର ୯, ସଦର ବ୍ଲକର ୭, ହିନ୍ଦୋଳ ବ୍ଲକର ୪, ଓଡ଼ାପଡ଼ା ବ୍ଲକର ୪, ଢେଙ୍କାନାଳ ପୌରାଞ୍ଚଳର ୨, ଗଁଦିଆ ବ୍ଲକର ୧, ଭୁବନ ବ୍ଲକର ୧, ହିନ୍ଦୋଳ ଏନ୍‌ଏସିର ୧, କାମାକ୍ଷାନଗର ଏନ୍‌ଏସିର ୧, କଙ୍କଡ଼ାହାଡ଼ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୭୮୧ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ବେଆଇନ ବାଲି ଚାଲାଣ, ଟିପ୍ପର ଜବତ




**କାମାକ୍ଷାନଗର, ୯।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜଡ଼ାପାଳ ନିକଟରୁ ଶନିବାର ମଧ୍ୟାହ୍ନରେ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଲି ବୋଝେଇ ଟିପ୍ପର ଜବତ କରାଯାଇଛି। ଗାଡ଼ି ମାଲିକଙ୍କଠାରୁ ଜରିମାନା ବାବଦକୁ ୨୦ ହଜାର ଟଙ୍କା ଆଦାୟ କରାଯାଇଛି। ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସୂଚନା ପାଇ ତହସିଲଦାର ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶରେ ରାଜସ୍ୱ ଅଧିକାରୀ ମାନସ କୁମାର ଦଣ୍ଡପାଟ ସଦଳବଳ ଚଢ଼ାଉ କରିଥିଲେ।

### କିନ୍ନରଙ୍କୁ ଖାଦ୍ୟକିଟ୍ ପ୍ରଦାନ

**ଢେଙ୍କାନାଳ ଅଫିସ, ୧୦।୭:** ଢେଙ୍କାନାଳ ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ଆକ୍ସନଏଡ୍‌ର ମିଳିତ ସହଯୋଗରେ ଶ୍ୟାମାଚରଣପୁରସ୍ଥିତ ଐରା ଅନୁଷ୍ଠାନ ପରିସରରେ କିନ୍ନରଙ୍କୁ ଶୁଖିଲା ଖାଦ୍ୟ କିଟ୍ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶଶାଙ୍କଶେଖର ଦାଶ, ସମ୍ମାନିତ ଅତିଥି ଆକ୍ସନଏଡ୍‌ର ଦେବବ୍ରତ ପାଢୀ, ସୁରେନ୍ଦ୍ର ରାଏ, ବି.ଏନ୍. ଦୁର୍ଗା, ଆଇନଜୀବୀ ସାଇଶ୍ରୀ ପଟ୍ଟନାୟକ, ଜିଲା ସଂଯୋଜିକା ଅଙ୍କୁର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସମୟରେ କିନ୍ନରଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ତେଣୁ ସେମାନଙ୍କୁ ଖାଦ୍ୟ କିଟ୍ ପ୍ରଦାନ କରାଯାଇଥିବା 'ଐରା' ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବିଭୂତି ଭୂଷଣ ପୃଷ୍ଟି, ସସ୍ମିତା ଜେନା, ସରୋଜ ସାହୁ, ରୁଦ୍ରନାରାୟଣ ଷଡଙ୍ଗୀ, ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାରେ ବଢୁଛି ଜଙ୍ଗଲ

- ୫ ବର୍ଷରେ ୪,୨୬୧ ହେକ୍ଟର ବୃଦ୍ଧିପାଇଛି
- ସୁରକ୍ଷାରେ ନିୟୋଜିତ ୩୫୦ ଭିଏସ୍ଏସ୍
- ସଂରକ୍ଷିତ ଜଙ୍ଗଲରେ ୬୦ ଟ୍ରାପ୍ କ୍ୟାମେରା

ରତନ ନାୟାର
ଢେଙ୍କାନାଳ ଅଫିସ, ୧୦।୭

ବଢୁଛି ସବୁଜିମାର ଘନତ୍ୱ। ଘଞ୍ଚ ହେଉଛି ବୁଢୁବୁଦିଆ ଜଙ୍ଗଲ। ବଦଳୁଛି ଲଣ୍ଡା ପାହାଡ଼ର କଳେବର। କାଠ ମାଫିଆଙ୍କ ଦୌରାତ୍ମ୍ୟ, ବନାଗ୍ନି ବିଭୀଷିକା ସତ୍ତ୍ୱେ ପ୍ରକୃତିର ବରଦାନ ଢେଙ୍କାନାଳରେ ଜଙ୍ଗଲ ସମ୍ପଦ ବୃଦ୍ଧି ପାଇବାରେ ଲାଗିଛି। ଏହା ପଛରେ ରହିଛି ବନ ସଂରକ୍ଷଣ ସମିତି (ଭିଏସ୍ଏସ୍)ର ଅକ୍ଳାନ୍ତ ପରିଶ୍ରମ ଏବଂ ବୈଷୟିକ ଜ୍ଞାନକୌଶଳ। ଜଙ୍ଗଲ ପରିସୀମା ଏବଂ ଘନତ୍ୱରେ ଏଭଳି ଅଭିବୃଦ୍ଧି ଜୈବ ବିବିଧତାରେ ଭରପୂର ଜିଲାର ବନ୍ୟଜୀବନ ପାଇଁ ଶୁଭସଙ୍କେତ ବୋଲି କହିଛନ୍ତି ପରିବେଶବିତ୍।

ଦ୍ରୁତ ଶିଳ୍ପାୟନର ପ୍ରଭାବ ପଡ଼ିଛି ଢେଙ୍କାନାଳ ଜିଲାର ଜଙ୍ଗଲ ସମ୍ପଦ ଉପରେ। ଜାତୀୟ ରାଜପଥ ସମ୍ପ୍ରସାରଣରେ ବଳିପଡ଼ିଛି ସହସ୍ରାଧିକ ଗଛ। ଖରାଦିନେ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ଧ୍ୱଂସ ହୋଇଯାଉଛି। ଏସବୁ ସତ୍ତ୍ୱେ ଜିଲାରେ ଗତ ୫ବର୍ଷରେ ୪,୨୬୧ ହେକ୍ଟର ଜଙ୍ଗଲ ସମ୍ପଦ ବଢ଼ିଥିବା ସାଟେଲାଇଟ୍ ସର୍ଭେରୁ ସ୍ପଷ୍ଟ ହୋଇଛି। ୨୦୧୫ରେ ସମଗ୍ର ଢେଙ୍କାନାଳରେ ୧ ଲକ୍ଷ ୪୦ହଜାର ୩୦୦ ହେକ୍ଟର ଜଙ୍ଗଲ ରହିଥିଲା, ଯାହା ୨୦୨୦-୨୧ରେ ୧ଲକ୍ଷ ୪୪ ହଜାର ୫୬୧ ହେକ୍ଟରରେ ପହଞ୍ଚିଛି। ୨୦୨୧-୨୨ ବର୍ଷ ପାଇଁ ସାଟେଲାଇଟ ସର୍ଭେକୁ ତର୍ଜମା କରିବା ନିମନ୍ତେ ବେଙ୍ଗାଲୁରୁରୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ଏକ ବିଶେଷଜ୍ଞ ଦଳ କାମାକ୍ଷାନଗର ଆସି ତର୍ଜମା ଜାରି ରଖିଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ମୋଟ ୮ଟି ରେଞ୍ଜ୍ ରହିଛି। ସେଗୁଡ଼ିକ ହେଲା ଢେଙ୍କାନାଳ ସଦର, କପିଳାସ, ଷଡ଼ଙ୍ଗୀ, ଭୁବନ, କାମାକ୍ଷାନଗର ପୂର୍ବାଞ୍ଚଳ, କାମାକ୍ଷାନଗର ପଶ୍ଚିମାଞ୍ଚଳ, ମହାବିରୋଡ଼ ଏବଂ ହିନ୍ଦୋଳ ରେଞ୍ଜ୍। ଉକ୍ତ ରେଞ୍ଜଗୁଡ଼ିକ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରେ ସର୍ବାଧିକ ଶାଳଗଛ ରହିଛି। ଅନ୍ୟ କେତେକ ସ୍ଥାନରେ ଅସନ, ଅର୍ଜୁନ, ହରିଡ଼ା, ବାହାଡ଼ାରେ ଭରପୂର ମିଶ୍ରିତ ଜଙ୍ଗଲ ଦେଖିବାକୁ ମିଳେ। ଜିଲାର ସଂରକ୍ଷିତ ଜଙ୍ଗଲରେ ଶାଗୁଆନ ଗଛ ପରିମାଣ କମ୍। ସଦର ରେଞ୍ଜ୍‌ର ସପ୍ତଶଯ୍ୟା, ହିନ୍ଦୋଳ ରେଞ୍ଜ୍ ଅଧୀନ କନ୍ଧରା ସଂରକ୍ଷିତ ଜଙ୍ଗଲରେ ଯାହାକିଛି ଶାଗୁଆନ ଗଛ ରହିଛି। ଜୈବ ବିବିଧତା, ଔଷଧୀୟ ଗୁଳ୍ମରେ ଭରା କପିଳାସ ଅଭୟାରଣ୍ୟ ୧୨୫୫୯.୫୯ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ। ଏହାର ସୀମା ପଡ଼ୋଶୀ କଟକ ଏବଂ ସୀମାନ୍ତ ଯାଜପୁର ଯାଏ ଲମ୍ବିଛି। ହାତୀଙ୍କ ସ୍ୱର୍ଗ ଭାବେ ପରିଚିତ ଏହି ଅଭୟାରଣ୍ୟ ଅଧିକ ସ୍ପର୍ଶକାତର ହୋଇଥିବାବେଳେ ଶିକାରୀ ଆତଙ୍କ ମଧ୍ୟ କିଛି କମ୍ ନୁହେଁ। ତେବେ ବିଗତ ଦିନରେ ବନ ବିଭାଗ ପକ୍ଷରୁ ଶିକାରୀଙ୍କୁ ଦମନ କରିବା ଲାଗି ରଣନୀତି ପ୍ରସ୍ତୁତ କରାଯାଇଛି। ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ୩୫୦ ବନ ସଂରକ୍ଷଣ ସମିତି (ଭିଏସ୍ଏସ୍) ନିୟୋଜିତ ଥିବାବେଳେ ତନ୍ମଧ୍ୟରୁ ୧୫୦ ଅନୁଦାନପ୍ରାପ୍ତ। ବନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଭିଏସ୍ଏସ୍‌ଗୁଡ଼ିକ ପାଳି କରି ଜଙ୍ଗଲ ଜଗୁଛନ୍ତି। ସେହିପରି ଶିକାରୀ ଏବଂ କାଠ ଚୋରଙ୍କ ପ୍ରାଦୁର୍ଭାବ ରୋକିବା ଲାଗି ବିଭିନ୍ନ ସ୍ଥାନରେ ୬୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି।



ଢେଙ୍କାନାଳ ଜିଲାର ଏକ ସଂରକ୍ଷିତ ଜଙ୍ଗଲ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଗତ ୫ବର୍ଷ ମଧ୍ୟରେ ଢେଙ୍କାନାଳ ଜିଲାରେ ୪ ହଜାର ୨୬୧ ହେକ୍ଟର ଜଙ୍ଗଲ ବଢ଼ିଥିବା ସାଟେଲାଇଟ ସର୍ଭେରୁ ଜଣାପଡ଼ିଛି। ପ୍ରମୁଖ ସଂରକ୍ଷିତ ଜଙ୍ଗଲରେ ଅଦଳବଦଳ କରି ଟ୍ରାପ୍ କ୍ୟାମେରାଗୁଡ଼ିକୁ ଲଗାଯାଉଛି। ପାଟ୍ରୋଲିଂ ମଧ୍ୟ କଡ଼ାକଡ଼ି କରାଯାଇଛି। ବନାଗ୍ନି କବଳରୁ ଜଙ୍ଗଲକୁ ସୁରକ୍ଷା ଦେବା ଲାଗି ବିଭାଗୀୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଶାଗୁଆନ ଜଙ୍ଗଲ ବନ୍ୟପ୍ରାଣୀଙ୍କ ବିଶେଷ କାମରେ ଆସୁନାହିଁ। ତେଣୁ ଶାଗୁଆନ ଚାରାରୋପଣ ଅଧିକ ମାତ୍ରାରେ କରାଯାଉ ନ ଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

**ବୃଦ୍ଧିପାଉଛି କଲରାପତରିଆ, ଅହିରାଜ ବଂଶ**

ଢେଙ୍କାନାଳ ଜିଲାର ଥଣ୍ଡା ପରିବେଶ ହାତୀମାନଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ହାତୀଙ୍କୁ ବାଦ୍ ଦେଲେ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବାର୍‌ହା, ଭାଲୁ, ହରିଣ, ଶମ୍ବର, ଝିଙ୍କ, ଅଜଗର ସମେତ ଅନେକ ପ୍ରଜାତିର ସାପ ବାସ କରୁଛନ୍ତି। କାମାକ୍ଷାନଗର ଏବଂ କଙ୍କଡ଼ାହାଡ଼ ଅଞ୍ଚଳରେ କଲରାପତରିଆ ବାଘଙ୍କୁ ଠାବ କରାଯାଇଛି। ଗତ କିଛିବର୍ଷ ଭିତରେ ଅହିରାଜ ସଂଖ୍ୟା ସକାରାତ୍ମକ ଭାବେ ବୃଦ୍ଧି ପାଇଛି। ତେବେ ବିଧିବଦ୍ଧ ଭାବେ ଗଣନା ହେଉ ନ ଥିବାରୁ କଲରାପତରିଆ ଏବଂ ଅହିରାଜଙ୍କ ପ୍ରକୃତ ସଂଖ୍ୟା ଅସ୍ପଷ୍ଟ ରହିଛି।

### ଆବାସ ଯୋଜନାରେ ଅନିୟମିତତା
## ପିଇଓ ନିଲମ୍ବିତ, ମାମଲା ରୁଜୁ ନିର୍ଦ୍ଦେଶ

ଢେଙ୍କାନାଳ ଅଫିସ, ୧୦।୭

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଅନିୟମିତତା ଏବଂ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ସ୍ୱଦୀପ୍ତ ସାହୁ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ତାଙ୍କ ବିରୋଧରେ ଶୁକ୍ରବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆବାସ ଯୋଜନାର ଜଣେ ହିତାଧିକାରୀଙ୍କଠାରୁ ପିଇଓ ସ୍ୱଦୀପ୍ତ ଲାଞ୍ଚ ନେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ପ୍ରଶାସନର ନିଜରକୁ ଆସିବା ପରେ ବିଡିଓ ପତ୍ରସଂଖ୍ୟା ୩୦୩୬, ତା. ୫।୭।୨୧ ଏବଂ ପିଡି ଡିଆର୍‌ଡିଏ ପତ୍ରସଂଖ୍ୟା ୨୧୯୯, ତା. ୮।୭।୨୧ରେ ଜିଲାପାଳଙ୍କୁ ରିପୋର୍ଟ କରିଥିଲେ। ଜିଲାପାଳ ପତ୍ରସଂଖ୍ୟା ୪୩୭, ତା. ୯।୭।୨୧ ଅନୁଯାୟୀ ପିଇଓଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟରେ ପିଇଓ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ। ସେହିପରି ଯୁଗ୍ମ ତଦନ୍ତ ରିପୋର୍ଟ ଆଧାରରେ ଅଭିଯୁକ୍ତ ପିଇଓଙ୍କ ନାମରେ ଭୁବନ ଥାନାରେ ମାମଲା ରୁଜୁ କରିବା ପାଇଁ ଜିଲାପାଳ ପତ୍ରସଂଖ୍ୟା ୪୩୯, ତା. ୯।୭।୨୧ରେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବୈଦ୍ୟୁତିକ ନିରାପତ୍ତା ସଚେତନତା

ଢେଙ୍କାନାଳ ଅଫିସ,୧୦।୭

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ବିଦ୍ୟୁତ୍ ବିଭାଗ ପକ୍ଷରୁ ବୈଦ୍ୟୁତିକ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏକ ସଚେତନତା ଗାଡ଼ି ଘୋଡାଡିଆଁ, ବଦାଲୋ, ଗୁଡିଆକାଟେଣୀ, ନାଧରା, ଧଳପୁର, ବ୍ରଜବିହାରୀପୁର, ଚିନ୍ତାପୋଖରୀ, ହିନ୍ଦୋଳ ରୋଡ୍, ବାଙ୍ଗୁରସିଂହ, ଓଡ଼ାପଡ଼ା, ଗୁଣ୍ଡୁଦେଇ, ଗଇଲୋ, ରସାସିଂହ ଗ୍ରାମ ପରିକ୍ରମା କରିଥିଲା। ବୈଦ୍ୟୁତିକ ସାମଗ୍ରୀର ସୁରକ୍ଷିତ ବ୍ୟବହାର, ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାରଠାରୁ ସତର୍କ ରହିବା ଆଦି ବିଷୟରେ ସଚେତନ କରାଯାଇଥିଲା। ଏହି ଅବସରରେ ପ୍ରୋଜେକ୍ଟର ମାଧ୍ୟମରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ତାପସ ମହାପାତ୍ରଙ୍କ ନେତୃତ୍ୱରେ କନିଷ୍ଠ ଯନ୍ତ୍ରୀ ଅଶୋକ ପଣ୍ଡା, ସୁରକ୍ଷା ଅଧିକାରୀ ହିମାଦ୍ରି ବେହେରା, ସୁଧୀର ପୃଷ୍ଟି, ସଞ୍ଜିତ ପୃଷ୍ଟି, ପ୍ରଜିତ୍ ନାଥ, ପ୍ରମୋଦ ସାହୁ, ଶ୍ରୀବସ୍ତ ସାହୁ, ଜିତେନ୍ଦ୍ର ପରିଡ଼ା, ଆନନ୍ଦ ରାଉତ, ଆଲୋକ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ।

## ରାସ୍ତା ନୁହେଁ, ମରଣଯନ୍ତା...



ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଥିବା ଢେଙ୍କାନାଳ ଜିଲା ଭୁବନ କାଳୀବଜାର ରାସ୍ତା। (ଫଟୋ-ବିପିନ)

# ହୋଟେଲରୁ ବିଦେଶୀ ମଦ ଜବତ

- ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସହିତ ଲିଙ୍କ୍
- ୩ ଅଭିଯୁକ୍ତ କୋର୍ଟ ଚାଲାଣ

କଣିହାଁ, ୧୦।୭(ଡି.ଏନ.ଏ.)

ଲାଇସେନ୍ସପ୍ରାପ୍ତ ଦୋକାନରେ ବିକ୍ରି ଯୋଗ୍ୟ ମଦ ବିକା ଯାଉଥିଲା ହୋଟେଲରେ। ଲାଇସେନ୍ସଧାରୀ ମଦ ବ୍ୟବସାୟୀଙ୍କ ସହିତ ହୋଟେଲ ମାଲିକଙ୍କ ରହିଥିଲା ଲିଙ୍କ୍। ଏଭଳି ଏକ ବେଆଇନ ମଦ କାରବାର ଉପରୁ ପରଦା ଉଠାଇଛି ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ। ଚଢ଼ାଉ ସମୟରେ ହୋଟେଲରୁ ପାଖାପାଖି ୫୨ ଲିଟର ଦାମୀ ବ୍ରାଣ୍ଡର ବିଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣ ଧରାପଡ଼ିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଡେରେଙ୍ଗ ଗ୍ରାମରେ ଥିବା ଉକ୍ତ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ସହିତ ସ୍ଥାନୀୟ ଅଞ୍ଚଳର ହୋଟେଲ ମାଲିକଙ୍କ ଭିତିରିଆ ସମ୍ପର୍କ ରହିଥିଲା। ଲକ୍‌ଡାଉନରେ ହୋଟେଲରେ ଚଢ଼ା ଦରରେ ବିଦେଶୀ ମଦ ବିକ୍ରି କରାଯାଉଥିଲା। ଏ ସମ୍ପର୍କରେ ସୂଚନା ମିଳିବା ପରେ ଶୁକ୍ରବାର ରାତିରେ କଣିହାଁ ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲା। ଏଭଳି ବେନିୟମ କାର୍ଯ୍ୟରେ ସମ୍ପୃକ୍ତ ଅଭିଯୋଗରେ ହୋଟେଲ ମାଲିକ ଧବଳେଶ୍ୱର ବେହେରା, ମଦ ଦୋକାନର ମ୍ୟାନେଜର ତଥା ବଜ୍ରସିଂହା ଗ୍ରାମର ହର୍ଷ ମହାନ୍ତି ଏବଂ ସେଲ୍‌ସମ୍ୟାନ୍ ଦାଶରଥୀ ସାହୁଙ୍କୁ ଗିରଫ କରାଯାଇଛି। ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏ ନେଇ ଥାନାରେ ନଂ. ୧୭୯/୨୧ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ମୀନକେତନ ପ୍ରଧାନ ଏବଂ ସହଯୋଗୀ ସାରଦା ପ୍ରସାଦ ସାମନ୍ତ ସୂଚନା ଦେଇଛନ୍ତି।

# ୨୦୦ ଲିଟର ଡିଜେଲ ଜବତ

କଣିହାଁ, ୧୦।୭(ଡି.ଏନ.ଏ.)

ବେଆଇନ ଭାବେ ଡିଜେଲ ବିକ୍ରି କରୁଥିବା ଅଭିଯୋଗରେ କଣିହାଁ ଥାନା ପୋଲିସ ଜଣେ ଗ୍ରସେରି ଦୋକାନୀଙ୍କୁ ଗିରଫ କରିଛି। ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ଡେରେଙ୍ଗ ଗ୍ରାମର ଲିପୁନ ସାହୁ ନିଜ ଗ୍ରସେରି ଦୋକାନରେ ଚୋରା ଡିଜେଲ ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ସୂଚନା ମିଳିବା ପରେ ଏସ୍‌ଆଇ ସ୍ମିତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ରାତିରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୫ ଜାର୍‌କିନରେ ଥିବା ୨୦୦ ଲିଟର ଡିଜେଲ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ. ୧୮୦/୨୧ରେ ଏକ ମାମଲା ରୁଜୁ ହୋଇଛି।

# ୧୯୪ ମାମଲା ଫଇସଲା



ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତି ଏକ ମାମଲାର ଶୁଣାଣି କରୁଛନ୍ତି।

ଢେଙ୍କାନାଳ ଅଫିସ,୧୦।୭

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୯୪ ମାମଲାର ଫଇସଲା କରାଯାଇଛି। ତନ୍ମଧ୍ୟରେ ୬୧ ମୋଟର ଦୁର୍ଘଟଣାଜନିତ ମାମଲା, ୭ ବିବାହ ଓ ପାରିବାରିକ, ୮୪ ଦେୱାନି ମାମଲା, ୪୨ ଫୌଜଦାରି ମାମଲା ରହିଛି। ସେହିପରି ବ୍ୟାଙ୍କମାମଲାଗୁଡ଼ିକ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା।

ଜରିମାନା ଏବଂ ବ୍ୟାଙ୍କ ଋଣ ଫଏସଲା ବାବଦକୁ ୫ଲକ୍ଷ ୮୧ହଜାର ୧୩୫ଟଙ୍କା ଆଦାୟ କରାଯାଇଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟବାବଦକୁ ୨କୋଟି ୧୪ଲକ୍ଷ ୨୩ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଅଦାଲତ ଅନୁଷ୍ଠିତ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅମିୟ କୁମାର ସାହୁ, ପାରିବାରିକ ଅଦାଲତ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଅତିରିକ୍ତ ଜିଲାଜଜ୍ ରାଜକିଶୋର ମହାପାତ୍ର, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ, ବରିଷ୍ଠ ଦେୱାନି ବିଚାରପତି ସୁବାସ ଚନ୍ଦ୍ର ଧଳ, ଅତିରିକ୍ତ ବରିଷ୍ଠ ଦେୱାନି ଅଦାଲତ ବିଚାରପତି ଲୋପାମୁଦ୍ରା ପଣ୍ଡା, ଶୁଶୀଲ ସାହୁ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସାବିତ୍ରୀ ନାୟକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସନ୍ଧ୍ୟା ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିଶା ଅଗ୍ରୱାଲ, ଶ୍ରୀମୟୀ ନନ୍ଦ ମାମଲାଗୁଡ଼ିକର ପରିଚାଳନା କରିଥିଲେ। ସିଭିଲକୋର୍ଟ ରେଜିଷ୍ଟ୍ରାର ଚିନ୍ମୟ ମିଶ୍ର ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ସୁକାନ୍ତ କିଶୋର ଜେନା, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନସିଏଲିଟର ସୁବାସିନୀ ମହାକୁଡ ପ୍ରମୁଖ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତକୁ ପରିଚାଳନାକରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟର ଏବଂ ସିଭିଲ୍ କୋର୍ଟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ରାଷ୍ଟ୍ରୀୟ ଲୋକ ଅଦାଲତ**


**Short-Term Training Programmes (ONLINE) for Engineering Students at CTTC Kalinga Nagar Ext. Centre, Duburi, Jajpur (Free for SC/ST Students)**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI/PLC for Graduate Engineering students.

For the year **2021-2022** we offer courses during **July/August 2021** designed for Mechanical / Production / Automobile / Manufacturing Science / Civil Computer Science / Electrical & Electronics /Electronics & Instrumentation/ Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical Production Automobile or Equivalent | Auto CAD<br>CATIA<br>CREO<br>SOLID WORKS<br>Master CAM | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 15.07.2021<br>02.08.2021<br>16.08.2021 |
| 02 | Any Graduate / MBA/ Diploma / Degree Engineers in any Discipline | Computer Hardware & Networking | Rs.5,600/- | | |
| 03 | Electrical & Electronics<br>Electronics & instrumentation<br>Electronics & Telecomm | PLC<br>Electrical CAD | Rs.8,100/-<br>Rs.7,100/- | | |
| 04 | Civil | Auto CAD | Rs.7,100/- | | |

**How to apply :** Download application form from website & send it along with registration fee. Payment can be made online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee.

Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card.

Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.

***For Admission contact : 8480154204, 9861112821, 9556024302***

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(KALINGA NAGAR EXTENSION CENTRE)
(Ministry of Micro, Small & Medium Enterprises , Govt. of India)
Common Facility Centre, JCDL Campus, Pankapal,
Bangala chhak,Pin- 755026, Website : www.cttc.gov.in

ISO-9001, ISO-14001 OHSAS 18001

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

**ବଇଣ୍ଡା,୧୦।୭(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ପାର୍ବତୀପୁର ଗ୍ରାମର ଏକ କୁସୁମ ଗଛରୁ ଶନିବାର ବଇଣ୍ଡା ଫାଣ୍ଡି ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ପାବର୍ତୀପୁରର ପ୍ରହ୍ଲାଦ ପ୍ରଧାନ (୫୨)। ଏ ନେଇ ଫାଣ୍ଡିରେ ନମ୍ବର ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ପୋଲିସ କହିଛି, ପାରିବାରିକ ଝଗଡ଼ା ପରେ ପ୍ରହ୍ଲାଦ ମାନସିକ ଭାରସାମ୍ୟ ହରାଇ ପିନ୍ଧା ଲୁଙ୍ଗି ବେକରେ ବାନ୍ଧି ଗଛରେ ଝୁଲି ପଡ଼ିଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ବଇଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ମା' ଓ ପୁଅଙ୍କୁ ଆକ୍ରମଣ

**ବଇଣ୍ଡା,୧୦।୭(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଲକ୍ଷ୍ମୀପୁର ଗ୍ରାମର ସୁଷମା ସେଠୀ ଓ ତାଙ୍କ ପୁଅ ଚନ୍ଦନ ସେଠୀଙ୍କୁ ସେହି ଗ୍ରାମର ରାମ ସେଠୀ ଆକ୍ରମଣ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ନମ୍ବର ୧୬୯/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁଷମା ଓ ରାମଙ୍କ ପରିବାର ମଧ୍ୟରେ କିଛି ବର୍ଷ ହେବ ଜମିବାଡି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଶୁକ୍ରବାର ରାମ ସୁଷମାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ଚନ୍ଦନ ଏହାର ପ୍ରତିବାଦ କରିବାରୁ ରାମ ଉତ୍କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ସୁଷମା ଓ ଚନ୍ଦନଙ୍କୁ ଆକ୍ରମଣ କରିଥିଲେ। ଚନ୍ଦନଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

### ୪ ଅଭିଯୁକ୍ତ କୋର୍ଟ ଚାଲାଣ

**କଣିହାଁ,୧୦।୭(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନାରେ ପୃଥକ ପୃଥକ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। କୁଲେଇ ଗ୍ରାମର ଦୁଇ ପରିବାର ମଧ୍ୟରେ ଜମିଜମା ବିବାଦକୁ ନେଇ ହୋଇଥିବା ମାରପିଟ ଘଟଣାରେ ଉଭୟ ପକ୍ଷରୁ ଅଭିଯୋଗ ଆଧାରରେ ନମ୍ବର ୧୨୨/୨୧ ଓ ୧୨୩/୨୧ ରେ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ୫ଜଣ ଗିରଫ ହୋଇଥିବାବେଳେ ଶନିବାର ଅନିଲ ନାଏକ, ବିଶି ନାଏକ ଓ ଲୁଲୁ ନାଏକଙ୍କୁ ଗିରଫ କରାଯାଇଥିଲା। ସେହିପରି ବିରୁ ଗ୍ରାମର ଏକ ଦୁର୍ବ୍ୟବହାର ଅଭିଯୋଗ ନେଇ ନମ୍ବର ୧୫୧/୨୧ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ରଞ୍ଜନ ନାଏକଙ୍କୁ ଗିରଫ କରାଯାଇଥିଲା।

### ଅନୁଗୋଳ କଲେଜରେ ୱେବିନାର

**ଅନୁଗୋଳ ଅଫିସ, ୧୦।୭:** ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଏବଂ ଏମ୍‌କମ୍ ବିଭାଗ ପକ୍ଷରୁ ଭବିଷ୍ୟତର ଆର୍ଥିକ ଯୋଜନା ଏବଂ



କୋଭିଡ-୧୯ ସମ୍ପର୍କରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏସ୍‌ଇ ଆଉକେ ଇଣ୍ଡିଆର ଅଧକ୍ଷା ପ୍ରବିନ୍ କୁମାର ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆର୍ଥିକ ସାକ୍ଷରତା ଏବଂ ତା'ର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଦୀପକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ଲିପିକା ପରିଡ଼ା ଧନ୍ୟବାଦ ଦେଇଥିଲେ। ଅଧାପକ ଅନିଲ ରାଉତ, ଦେବବ୍ରତ ସାହୁ, ଅଧପିକା ସୋନାଲୀ ଖଟୁଆ ସହଯୋଗ କରିଥିଲେ। ୯୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

### ୬୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୭:** ଅନୁଗୋଳ ଜିଲାରୁ ଶନିବାର ୬୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ୍ ପଜିଟିଭ୍ ସଂଖ୍ୟା ୪୧ ହଜାର ୬୩୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ସର୍ବାଧିକ ୧୨ ଜଣ ଥିବାବେଳେ ଛେଣ୍ଡିପଦା ବ୍ଲକରୁ ୧୧, ଅନୁଗୋଳ ବ୍ଲକରୁ ୮, ତାଳଚେର ବ୍ଲକରୁ ୮, ଅନୁଗୋଳ ପୌରପାଳିକାରୁ ୭, କଣିହାଁ ବ୍ଲକରୁ ୭, ତାଳଚେର ପୌରାଞ୍ଚଳରୁ ୫, ପାଲଲହଡ଼ା ବ୍ଲକରୁ ୩ ଓ କିଶୋରନଗର ବ୍ଲକରୁ ୩ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୦୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିଭଳି ଜିଲାରୁ ପୁଣି ଜଣଙ୍କର ମୃତ୍ୟୁ ହୋଇଥିବାରୁ ମୋଟ ମୃତକଙ୍କ ସଂଖ୍ୟା ୧୮୭ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଆଧାର ସାଜିବେ ଆଶା

■ଅନୁଗୋଳରେ ଆରମ୍ଭ ହେବ ଗର୍ଭବତୀଙ୍କ ଟିକାକରଣ
■ଜିଲାରେ ପଞ୍ଜୀକୃତଙ୍କ ସଂଖ୍ୟା ୨୨ ହଜାର
■ସୁରୁଖୁରୁରେ ସମ୍ପନ୍ନ ପାଇଁ ହେଉଛି ସ୍ୱତନ୍ତ୍ର ବ୍ୟବସ୍ଥା



**ଅନୁଗୋଳ ଅଫିସ, ୧୦।୭**

କୋଭିଡ୍ ମହାମାରୀରୁ ଗର୍ଭବତୀଙ୍କୁ ଦିଆଯିବ ସୁରକ୍ଷା। ବୟସ୍କ ଓ ଯୁବବର୍ଗଙ୍କ ପରି ସେମାନଙ୍କର ମଧ ହେବ ଟିକାକରଣ। ହେଲେ ଏଥିପାଇଁ ଅନ୍‌ଲାଇନ୍ କି ଅଫ୍ ଲାଇନ୍‌ରେ ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ଆଧାର କାର୍ଡ ଧରି ଅଧରାତିରୁ ଆସି ହସ୍ପିଟାଲ ସମ୍ମୁଖରେ ଲମ୍ବା ଧାଡ଼ି ଲଗାଇବାକୁ ହେବ ନାହିଁ। ସମ୍ମାନର ସହ ଏବଂ ସୁରୁଖୁରୁରେ କିପରି ସେମାନଙ୍କୁ ଏହି ସଞ୍ଜୀବନୀ ଦିଆଯିବ ସେଥିପାଇଁ ସରକାରଙ୍କ ତରଫରୁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ସୁଚାରୁ ରୂପେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ। ତେବେ ଘରୁ ଗର୍ଭବତୀଙ୍କୁ ସୁରକ୍ଷିତ ଭାବେ ଆଣିବା ଓ ଛାଡ଼ିବା ପରି ଗୁରୁଦାୟିତ୍ୱ ତୁଲାଇବାର ଆଧାର ସାଜିବେ ଆଶାକର୍ମୀ। ରାଜ୍ୟ ସରକାରଙ୍କ ଠାରୁ ଏ ନେଇ ନିର୍ଦ୍ଦେଶ ପହଞ୍ଚିବା ପରେ ଅନୁଗୋଳ ଜିଲାରେ ଆରମ୍ଭ ହୋଇଛି ପ୍ରସ୍ତୁତି।

ଆସନ୍ତା ୧୫ ତାରିଖ ପରେ ଗର୍ଭବତୀଙ୍କ ଟିକାକରଣ ଆରମ୍ଭ ହେବ। ଏ ନେଇ ଗର୍ଭବତୀଙ୍କ ତାଲିକା ସହ ଆବଶ୍ୟକ ପ୍ରସ୍ତୁତି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଗୋଳ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି। ଜିଲାରେ ମୋଟ୍ ୨୨ ହଜାର ଗର୍ଭବତୀ ଥିବା ମେଡିକାଲରେ ହୋଇଥିବା ପଞ୍ଜୀକରଣରୁ ସୂଚନା ମିଳିଛି। ସେମାନଙ୍କୁ ଟିକା ପ୍ରଦାନ କରିବାକୁ ସମସ୍ତ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା କରାଯିବ। ବାହାରେ ଟିକା ପାଇଁ ଅନୁମତି ନ ଥିବାରୁ ସମ୍ଭବତଃ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ଏହି କାର୍ଯ୍ୟ ପରିଚାଳନା କରାଯିବ। ସେହିଭଳି ଯେଉଁ ବ୍ଲକରେ ଟିକାକରଣ କେନ୍ଦ୍ର ଅଧିକ ଦୂରରେ ଥିବ ସେ ନେଇ ବିକଳ୍ପ ବ୍ୟବସ୍ଥା କରାଯାଉଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଏହା ପୂର୍ବରୁ ଆସନ୍ତା ମଙ୍ଗଳବାର ଓ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କ ସହ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରମାନଙ୍କୁ ଡକାଯାଇ ଓରିଏଣ୍ଟେଶନ୍ କରାଯିବ। ଏହାପରେ ଗର୍ଭବତୀଙ୍କୁ କିପରି ଟିକା ପ୍ରଦାନ କରାଯିବ ସେ ନେଇ ସ୍ୱାସ୍ଥ୍ୟକର୍ମୀଙ୍କୁ ଡାକ୍ତରମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। କେଉଁ ଅଞ୍ଚଳରେ କେତେ ଜଣଙ୍କୁ ଟିକା ପ୍ରଦାନ କରାଯିବ ତାହାର ତାଲିକା ପ୍ରସ୍ତୁତ ହେବ। ସେହି ଅନୁଯାୟୀ ଗର୍ଭବତୀମାନଙ୍କୁ ସ୍ଥାନୀୟ ଆଶା କର୍ମୀଙ୍କ ସହାୟତାରେ ଟିକାଦାନ କେନ୍ଦ୍ରକୁ ଅଣାଯିବା ସହ ପୁଣି ଘରେ ସୁରକ୍ଷିତ ଭାବେ ଛଡ଼ାଯିବ। ଏଏନ୍‌ଏମ୍‌ଙ୍କ ଦ୍ୱାରା କାଉନସେଲିଂ ପରେ ଗର୍ଭବତୀଙ୍କୁ ଟିକା ଦିଆଯାଇ ୩୦ ମିନିଟ୍ ଅବଜରବେଶନ୍‌ରେ ରଖାଯିବାର ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

#### ବ୍ୟବସ୍ଥିତ ଢଙ୍ଗରେ ଟିକାକରଣ ହେବ



ଅନୁଗୋଳ ଜିଲାରେ ଗର୍ଭବତୀମାନଙ୍କ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସରକାରଙ୍କ ନିୟମାନୁଯାୟୀ ଅତ୍ୟନ୍ତ ବ୍ୟବସ୍ଥିତ ଢଙ୍ଗରେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ। ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

#### ଆସନ୍ତା ସପ୍ତାହରେ ପ୍ରଶିକ୍ଷଣ



ଜିଲାରେ ଗର୍ଭବତୀଙ୍କ ଟିକାକରଣ ନିମନ୍ତେ ଭିଡିଓ କନଫରେନ୍ସ ମାଧ୍ୟମରେ ସରକାର ଅବଗତ କରାଇଛନ୍ତି। ଏଥିପାଇଁ ପ୍ରଥମେ ଆସନ୍ତା ସପ୍ତାହରୁ ଡାକ୍ତରଙ୍କ ଓରିଏଣ୍ଟେଶନ୍ କରାଯିବ। ଏହାପରେ ଆଶା, ଅଙ୍ଗନୱାଡ଼ି ଓ ଏଏନ୍‌ଏମ୍‌ଙ୍କୁ ପ୍ରଶିକ୍ଷଣ ଦିଆଯିବ। ସରକାର ଟିକା ପ୍ରଦାନ କଲେ କାର୍ଯ୍ୟ ଆରମ୍ଭ ହେବ।

-ଡାକ୍ତର ଧନଞ୍ଜୟ ବେହେରା, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ)

#### ସୁରକ୍ଷିତ ଯାତାୟାତ ଚ୍ୟାଲେଞ୍ଜ ହେବ



ଗର୍ଭବତୀଙ୍କୁ ଟିକାକରଣ କେନ୍ଦ୍ରକୁ ନେବା ଦାୟିତ୍ୱ ଆଶାକର୍ମୀମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯିବ। ହେଲେ ଜିଲାର ଅନେକ ଗ୍ରାମ ଜଙ୍ଗଲାଞ୍ଚଳରେ ଥିବାରୁ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ପୁଣି ସୁରକ୍ଷିତ ଭାବେ ଘରେ ପହଞ୍ଚାଇବା ବଡ଼ ଚ୍ୟାଲେଞ୍ଜ ହେବ।

-ବୈଜୟନ୍ତୀ ପ୍ରଧାନ, ଆଶାକର୍ମୀ, ହଣ୍ଡପା

# ପାର୍କ ନିର୍ମାଣ ପାଇଁ ଭୂମିପୂଜା



ଭୂମିପୂଜନ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

**ବଇଣ୍ଡା,୧୦।୭(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ଗ୍ରାମଠାରେ ଏକ ଗ୍ରାମୀଣ ପାର୍କ ନିର୍ମାଣ କରାଯିବ। ଏଥିପାଇଁ ଭୂମି ପୂଜା ଅନୁଷ୍ଠିତ ହୋଇଛି। ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଭୂମିପୂଜା କରିବା ସହ ଏହାଦ୍ୱାରା ପଞ୍ଚାୟତରେ ଏକ ସୁସ୍ଥ ଓ ଆମୋଦପ୍ରମୋଦ ପରିବେଶ ସୃଷ୍ଟି ହେବ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ବୈଜୟନ୍ତୀ ଦେହୁରୀ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ସରପଞ୍ଚ ମହେଶ୍ୱର ଦେହୁରୀ, ଶଶାଙ୍କ ଶେଖର ପ୍ରଧାନ, ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଛେଣ୍ଡିପଦାରେ ଲୋକ ଅଦାଲତ



ଲୋକ ଅଦାଲତରେ ମାମଲାର ବିଚାର ଚାଲିଛି।

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଗୋଟିଏ ଦେୱାନୀ ଓ ଗୋଟିଏ ଫୌଜଦାରି ମାମଲାର ଫଇସଲା ହୋଇଥିଲା। ବିଚାରପତି ତନ୍ୱି ରଥ ଉକ୍ତ ମାମଲାର ଫଇସଲା କରିଥିଲେ। ଲୋକ ଅଦାଲତର ସଭ୍ୟ ତଥା ଏପିପି ଲକ୍ଷ୍ମୀଧର ପ୍ରଧାନ ଏହି ମାମଲା ପରିଚାଳନା କରିଥିଲେ। ଛେଣ୍ଡିପଦା ଅଦାଲତର ସମସ୍ତ କର୍ମଚାରୀ ଓ ଆଇନଜୀବୀ ନଗେନ ନନ୍ଦ, ସୁଶୀଲ କୁମାର ପ୍ରଧାନ, ଗୋପବନ୍ଧୁ ସାହୁ, ରାଜକିଶୋର ବେହେରାଙ୍କ ସମେତ ସମସ୍ତ ଆଇନଜୀବୀ ସହଯୋଗ କରିଥିଲେ।

# ୨୫୦ ଟ୍ରକ୍ ମାଲିକଙ୍କୁ ଦିଆଗଲା ଟିକା



ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଟିକାକରଣ ଚାଲିଛି।

**ଅନୁଗୋଳ ଅଫିସ,୧୦।୭**

ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଟିକାକରଣ ଶନିବାର ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ଅମ୍ବିକା ପ୍ରସାଦ ଭଟଙ୍କ ନେତୃତ୍ୱରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ୨୫୦ ଜଣ ଟ୍ରକ୍ ମାଲିକଙ୍କୁ ଟିକା ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୯ଟାରେ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଆଧାରକାର୍ଡ ନେଇ ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ସହ ନାମ ପଞ୍ଜୀକରଣ କରିବା ପରେ ଟିକାକରଣ ଆରମ୍ଭ ହୋଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଉଦ୍ୟମରେ ଏହି ଟିକାକରଣ କରାଯାଇଥିବା ଟ୍ରକ୍ ମାଲିକ ସଂଘ ସଭାପତି ପ୍ରକାଶ କରିଛନ୍ତି। ଅପରାହ୍ନ ୪ଟା ମଧ୍ୟରେ ସମସ୍ତ ସଦସ୍ୟଙ୍କୁ ଟିକା ଦିଆଯାଇଥିଲା। ସଂଘ ଉପସଭାପତି ଅମରେଶ ସ୍ୱାଇଁ, ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, କୋଷାଧ୍ୟକ୍ଷ ରଜତ ମହାପାତ୍ର, ସହସମ୍ପାଦକ ବିଜୟ ଦେହୁରୀ, ଜିତେନ୍ଦ୍ର ସାହୁ, ଗୌତମେନ୍ଦ୍ର ସାହୁ, କେଶବ ବେହେରାଙ୍କ ସମେତ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପ୍ରଧାନ, ବରୁଣ ସାହୁ, ସଂଗ୍ରାମ ଦାସ, ବାଉରୀବନ୍ଧୁ ମହାପାତ୍ର, ବରିଷ୍ଠ ସଦସ୍ୟ ସନ୍ତୋଷ ଦାସ, କୁଲବିନ୍ଦର ସିଂହ, ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କାର୍ଯ୍ୟ ସମୀକ୍ଷା

**ଅନୁଗୋଳ ଅଫିସ, ୧୦।୭**

ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅନୁଗୋଳ ଓ ବଅଁରପାଳ ବ୍ଲକରେ ନିର୍ମାଣ କରାଯାଉଥିବା ରାସ୍ତା କାର୍ଯ୍ୟର ସମୀକ୍ଷା କରିଛନ୍ତି ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ। ଶନିବାର ସ୍ଥାନୀୟ ସର୍କିଟ ହାଉସ୍‌ରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ଖମାର ଠାରୁ ବଉଳିଗଡ଼ ରାସ୍ତା ୪ କୋଟି ୩୨ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଉଛି। ତୁଳସୀପାଳ-କଙ୍କିନାଳୀ ରାସ୍ତା ୩ କୋଟି ୫୧ ଲକ୍ଷ ଟଙ୍କାରେ ନିର୍ମାଣ ଚାଲିଛି। ବଅଁରପାଳ-ତଳବାହାଲ କାର୍ଯ୍ୟ ଶେଷ ହୋଇଛି। ଉରୁକୁଳା-ବଲାସିଂହା ଓ ବଲାସିଂହା-ବାଦିବାହଳ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ତୁରନ୍ତ ଏହା କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ଶଶଧର ବରାଳଙ୍କ ସମେତ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ ବେଳେ ବିଧାୟକଙ୍କ ସହ ଅନ୍ୟମାନେ।

**ଖମାର,୧୦।୭(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଜୀବନ ବିନ୍ଦୁ ଓଡ଼ିଶା ମୋ ପରିବାର ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ତଥା ଆବାହକ ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଖମାର ମେଡିକାଲ ଅଧ୍ୟକ୍ଷ ଶଶିକାନ୍ତ ବେହେରା, ଖମାର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ଖମାର ସରପଞ୍ଚ ସସ୍ମିତା ସାହୁ ଯୋଗ ଦେଇଥିଲେ। କରୋନା ମହାମାରୀ ସମୟରେ ଖମାର ଅଞ୍ଚଳବାସୀଙ୍କୁ ଅନବରତ ସେବା ଯୋଗାଇ ଦେଉଥିବାରୁ ଖମାର ମେଡିକାଲର ଡାକ୍ତର ଶଶିକାନ୍ତ ବେହେରା, ଡା. ଅବିନାଶ ସେଠୀ, ଡା. ବେଣୁଧର ବେହେରା, ଡା. ପ୍ରୀତିମୋହନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

# କଲଭର୍ଟରେ ପିଟିହେଲା କାର୍

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର.)**

ଛେଣ୍ଡିପଦା-ବୁଢ଼ାପାଳ ଜାତୀୟ ରାଜପଥ ୧୪୩-ବି ମାମୁରିଆ ଗ୍ରାମ ଠାରେ ଶନିବାର ଏକ କାର୍ କଲଭର୍ଟରେ ପିଟିହୋଇଛି। ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ଉତ୍ତରପ୍ରଦେଶ ବାରଣାଶୀର ସୁରଜ ପଟେଲ, ଚାଳକ ଦିଲ୍ଲୀର ସୁରେଶ କୁମାର ଏବଂ ବିହାରର ନୀତୀଶ ରଞ୍ଜନ କୁମାର ଆହତ ହୋଇଛନ୍ତି। ସୁରଜଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସହଯୋଗୀ ଶିକ୍ଷକଙ୍କ ଠାରୁ କାର ମାଗି ଭୁବନେଶ୍ୱର ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସୁରଜଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦିଆଯାଇଛି। ଖବରପାଇ ଛେଣ୍ଡିପଦା ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

# ପଞ୍ଚାୟତ ସମିତି ନୂତନ ଗୃହ ଉଦ୍‌ଘାଟିତ

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର.)**

ଛେଣ୍ଡିପଦା ପଞ୍ଚାୟତ ସମିତିର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ସମିତିସଭ୍ୟ ଭଜମନ ଗଡନାୟକ, ଜିଲା ପରିଷଦର ପୂର୍ବତନ ସଭ୍ୟ ଦିଲୀପ କୁମାର ବେହେରା, ରାକେଶ ନାଥ, ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀଙ୍କ ପରିଚାଳନାରେ ସମସ୍ତ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।



ନୂତନ ଗୃହକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

# ପୌର କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

**ଅନୁଗୋଳ ଅଫିସ, ୧୦।୭**



ସଫେଇ କର୍ମଚାରୀମାନଙ୍କୁ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯାଉଛି।

■ସଫେଇ କର୍ମଚାରୀଙ୍କୁ ରୋକିଲା ପୋଲିସ
■ଆଲୋଚନା ପରେ କାର୍ଯ୍ୟରେ ଯୋଗଦେବାକୁ ରାଜି
■ଚୂଡ଼ାନ୍ତ ନିଷ୍ପତ୍ତି ନେଇ ଏବେ ବି ଆଶଙ୍କା

ଅନୁଗୋଳ ପୌରାଞ୍ଚଳ ସଫେଇ ପାଇଁ ଠିକା ନେଇଥିବା ସଂସ୍ଥା ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ କିଛିଦିନ ଧରି ଆନ୍ଦୋଳନ ଚଳାଇଛନ୍ତି। ବିକଳ୍ପ ଭାବେ ପୌରସଂସ୍ଥାର ନିଜସ୍ୱ ସଫେଇ କର୍ମଚାରୀ ଓ ଠିକା ସଂସ୍ଥା ପକ୍ଷରୁ କେତେଜଣ ନୂଆ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରାଯାଉଥିଲେ ମଧ୍ୟ ସହର ଠିକ୍ ଭାବେ ସଫେଇ ହୋଇପାରୁ ନାହିଁ। ଏହାକୁ ନେଇ ବିବାଦ ବଢ଼ୁଥିବା ବେଳେ ଠିକାସଂସ୍ଥାର ପୁରୁଣା ସଫେଇ କର୍ମଚାରୀମାନେ ଶନିବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ହେଲେ ସେଠାରେ ଉପସ୍ଥିତ ପୋଲିସ ସେମାନଙ୍କୁ ଏଥିରୁ ନିବୃତ୍ତ କରାଇଥିଲା। ଏହାପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ୟା ନେଇ ଆଲୋଚନା ହୋଇଥିଲା। ରବିବାରଠାରୁ ସଫେଇ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବାକୁ ରାଜି ହୋଇଥିବା ପ୍ରଶାସନ ଓ ଠିକା ସଂସ୍ଥା ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

ପୌରାଞ୍ଚଳ ସଫେଇ ସମସ୍ୟାର ସମାଧାନ ପାଇଁ ବାରମ୍ବାର ବୈଠକ ବସୁଛି। ଠିକା ସଂସ୍ଥା ପକ୍ଷରୁ ପ୍ରଶାସନ ଓ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରାଯାଉଛି। କିନ୍ତୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ସଫେଇ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବା, ଥାନାରେ ହୋଇଥିବା ମାମଲା ପ୍ରତ୍ୟାହାର ଓ କାର୍ଯ୍ୟରୁ ଦୂରେଇ ରଖାଯାଇଥିବା ୩ କର୍ମଚାରୀଙ୍କୁ ପୁନଃ ସୁଯୋଗ ଦେବା ନେଇ ଦାବି ହେଉଥିଲେ ମଧ୍ୟ ତାହା ପୂରଣ କରାଯାଉ ନ ଥିବାରୁ ବାଧହୋଇ ସଫେଇ କର୍ମଚାରୀମାନେ ଆତ୍ମାହୁତି ଦେବାକୁ ବାହାରିଥିଲେ। ପରେ ଏ ନେଇ ଆଲୋଚନା ହୋଇଥିଲା। ସମସ୍ତ କର୍ମଚାରୀ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଥିଲା। ମାମଲା ପ୍ରତ୍ୟାହାର ସମ୍ପର୍କରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ କାର୍ଯ୍ୟରୁ ଦୂରେଇ ରଖାଯାଇଥିବା ୩ ଜଣଙ୍କ ନାମରେ ଥିବା ଅଭିଯୋଗ ସମ୍ପର୍କରେ ମଙ୍ଗଳବାର ବିଚାର କରାଯିବ ବୋଲି ପ୍ରଶାସନ କହିଥିଲା। ଏହାପରେ ସଫେଇ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବାକୁ ରାଜି ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ସମସ୍ତଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଥିଲା। ଏବେ ବି ଦିଆଯାଇଛି। ଠିକା ସଂସ୍ଥା ମାଲିକ ସୁରେନ୍ଦ୍ର ବାରିକ କହିଛନ୍ତି, ରବିବାର ଠାରୁ ପୁରୁଣା କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ବୈଠକରେ ଆଲୋଚନା ହୋଇଛି।

